Click Here & Upgrade
Expanded Features
Unlimited Pages
PDF Complete

ଶକ୍ତି ଉପାସନା ଓ ନୀଳାଚଳ କ୍ଷେତ୍ର, ପୁରୀ

ଜଗବନ୍ଧୁ ପାଢ଼ୀ

ପୁଣ୍ୟଭୂମି ଭାରତବର୍ଷରେ ଶକ୍ତି ଉପାସନା ବହୁ ପ୍ରାଚୀନ, ଏପରିକି ବୈଦିକ ଯୁଗ ସମୟରୁ । ଋଗ୍‌ବେଦର ବାକ୍‌ସୂକ୍ତ ଏହାର ପ୍ରମାଣ (୧) । ଏହି ସୂକ୍ତରେ ଅମ୍ଭୃଣ ଋଷିଙ୍କ କନ୍ୟା ବାକ୍ ଯେଉଁ ଆତ୍ମସ୍ତୁତି କରିଛନ୍ତି, ତହିଁରେ ସେ ପ୍ରକାଶ କରିଛନ୍ତି ଯେ, ସେ ବସୁମାନଙ୍କ ସହିତ, ରୁଦ୍ରମାନଙ୍କ ସହିତ, ଆଦିତ୍ୟମାନଙ୍କ ସହିତ, ବିଶ୍ୱେ ଦେବୀମାନଙ୍କ ସହିତ ବିଚରଣ କରୁଛନ୍ତି । ଏହି ଚାରିପ୍ରକାର ଦେବତା ଗଣଦେବତା ରୂପରେ ବେଦରେ ପ୍ରସିଦ୍ଧ । ତାହା ସହିତ ବାକ୍‌ଦେବୀ ମିତ୍ରାବରୁଣ, ଇନ୍ଦ୍ରାଗ୍ନି, ଦୁଇ ଅଶ୍ୱିଦେବଙ୍କ ସହିତ ମଧ୍ୟ ବିଚରଣ କରୁଥିବାର ସେ ସ୍ଥଳରେ ପ୍ରକାଶ କରିଛନ୍ତି । ଏଠାରେ ସ୍ମରଣ ରଖିବାକୁ ହେବ ଯେ ବେଦରେ ଯେଉଁ ତ୍ରିଲୋକଗାମିନୀ ବାକ୍‌ଦେବୀଙ୍କର ବର୍ଣ୍ଣନା ଅଛି, ଏହି ବାକ୍ ତାଙ୍କଠାରୁ ପୃଥକ୍ । ଏ ହେଉଛନ୍ତି ମହାଶକ୍ତି । ଶକ୍ତିମାନ ପୁରୁଷଙ୍କଠାରେ ଏ ଅଭିନ୍ନ ରୂପରେ ରହିଥାନ୍ତି । ସେଇଥିପାଇଁ ଉପଲକ୍ଷଣ ରୂପରେ ସେ ବିଭିନ୍ନ ବିଶିଷ୍ଟ ଦେବତାଙ୍କ ସହିତ ବିଚରଣ କରୁଥିବାର ବେଦରେ ବର୍ଣ୍ଣନା କରାଯାଇଛି । ଋଗ୍ ବେଦର ଏହି ବାକ୍‌ସୂକ୍ତରେ ପ୍ରଥମ ମନ୍ତ୍ରଟି ଏହିପରି -

ଅହଂ ରୁଦ୍ରେଭିର୍ବସୁଭିଶ୍ଚରାମ୍ୟହମାଦିତ୍ୟୈରୁତ ବିଶ୍ୱଦେବୈଃ ।
ଅହଂ ମିତ୍ରା ବରୁଣୋଭା ବିଭର୍ମ୍ୟହମିନ୍ଦ୍ରାଗ୍ନୀ ଅହମଶ୍ୱିନୋଭା ।।

ଏହି ସୂକ୍ତରେ ଥିବା ଆଠଟି ମନ୍ତ୍ରରେ ଏହି ମହାଶକ୍ତିଙ୍କର ଆହୁରି ଅନେକ ମହିମା ଓ ଗୁଣର ବର୍ଣ୍ଣନା ଅଛି । ଡଃ ଜିତେନ୍ଦ୍ରନାଥ ବନ୍ଦୋପାଧ୍ୟାୟ ସଂପୂର୍ଣ୍ଣ ସୂକ୍ତଟିକୁ ଉଦ୍ଧାର କରି ତାହାର ବଙ୍ଗାନୁବାଦ ଦେଇ ସ୍ୱୀକାର କରିଛନ୍ତି ଯେ, ଏହି ଆଠମନ୍ତ୍ରଯୁକ୍ତ ସୂକ୍ତଟିରେ ବିଶ୍ୱ ନିୟନ୍ତ୍ରିକା ଶକ୍ତିଙ୍କର ଯେଉଁ ପ୍ରକୃତ ରୂପ ବର୍ଣ୍ଣିତ ହୋଇଅଛି, ଏତେ ଅଳ୍ପ ପରିସରରେ ଏହା ଅପେକ୍ଷା ଉନ୍ନତତର ଉପାୟରେ ଏହାର ବର୍ଣ୍ଣନା ଦିଆଯାଇ ପାରେ ନାହିଁ ।(୨)

ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଏହି ଶକ୍ତିଙ୍କର ମହିମା ଉପଲବ୍ଧି କରି ସ୍ୱକୃତ ସୌନ୍ଦର୍ଯ୍ୟ ଲହରୀର ଆରମ୍ଭରୁ ଉଲ୍ଲେଖ କରିଛନ୍ତି -

ଶିବଃ ଶକ୍ତ୍ୟା ଯୁକ୍ତୋ ଯଦି ଭବତି ଶକ୍ତଃ ପ୍ରଭବିତୁଂ ।
ନ ଚେଦେବଂ ଦେବୋ ନ ଖଳୁ କୁଶଳଃ ସ୍ପନ୍ଦିତୁମତି ।
ଅତସ୍ତ୍ୱାମାରାଧ୍ୟାଂ ହରିହର ବିରଞ୍ଚ୍ୟାଦିଭିରପି ।
ପ୍ରଣୋତୁଂ ସ୍ତୋତୁଂ ବା କଥମକୃତପୁଣ୍ୟଃ ପ୍ରଭବତି ।। (୩)

ଏଥିରେ ଶ୍ରୀ ଶଙ୍କରାଚାର୍ଯ୍ୟ ସ୍ପଷ୍ଟ ରୂପରେ କହିଛନ୍ତି ଯେ ଏହି ଶକ୍ତି ବିଷ୍ଣୁ, ଶିବ ଓ ବ୍ରହ୍ମା ପ୍ରଭୃତି ସମସ୍ତ ଦେବତାଙ୍କର ଆରାଧ୍ୟ । ଶକ୍ତି ବ୍ୟତୀତ ଶିବ (ଶକ୍ତିମାନ ପୁରୁଷ) ତିଳେମାତ୍ର ସ୍ପନ୍ଦନ କରିପାରିବେ ନାହିଁ । କିନ୍ତୁ ସେ ଶକ୍ତି ଯୁକ୍ତ ହେଲେ ହିଁ ନିଜର ପ୍ରଭାବ ପ୍ରଦର୍ଶନ କରିପାରନ୍ତି । ସେହି କାରଣରୁ ଗୋଟିଏ ଆଖ୍ୟାନ ଛଳରେ କଥିତ ହୁଏ ଯେ ଶଙ୍କରାଚାର୍ଯ୍ୟ ସ୍ୱୟଂ ଶକ୍ତି ଉପାସନା ପ୍ରତି ବିମୁଖ ହୋଇ ସର୍ବଶକ୍ତିମାନ ବ୍ରହ୍ମଙ୍କର ଅଦ୍ୱୈତତ୍ତ୍ୱ ଉପରେ ସଂପୂର୍ଣ୍ଣ ଆସ୍ଥାବାନ ହେବାରେ ଏକଦା ଶକ୍ତିହୀନ ହୋଇ ଗଙ୍ଗାତଟରେ ପଡ଼ି ରହିଥିଲେ । ସ୍ୱୟଂ ମହାଶକ୍ତି ତାଙ୍କ ସମ୍ମୁଖରେ ଉପସ୍ଥିତ ହୋଇ ତାଙ୍କୁ ଶକ୍ତି ଉପାସନା କରିବା ନିମନ୍ତେ ଉପଦେଶ ଦେଇଥିଲେ ।

ବେଦର ବ୍ରାହ୍ମଣ ଭାଗରେ ମହାଶକ୍ତି ସ୍ୱରୂପିଣୀ ଦୁର୍ଗାଙ୍କ ବର୍ଣ୍ଣନା ପ୍ରାପ୍ତ ହୁଏ । ତହିଁରେ ଉଲ୍ଲେଖ ଅଛି - ତାମଗ୍ନିବର୍ଣ୍ଣାଂ ତପସା ଜ୍ୱଳନ୍ତୀଂ ବୈରୋଚନୀଂ କର୍ମଫଳଷ୍ଟେ ଜୁଷ୍ଟାମ୍ । ଦୁର୍ଗାଂ ଦେବୀଂ ଶରଣମହଂ ପ୍ରପଦ୍ୟେ ସୁରେସି ତରସେ ନମଃ ।(୪) ତାହା ବ୍ୟତୀତ ଏହି ଗ୍ରନ୍ଥରେ ଦୁର୍ଗା ଗାୟତ୍ରୀର ଅବତାରଣା ହୋଇଅଛି, ଯଥା- କାତ୍ୟାୟନାୟ ବିଦ୍ମହେ । କନ୍ୟାକୁମାରୀ ଧୀମହି । ତନ୍ନୋ ଦୁର୍ଗିଃ ପ୍ରଚୋଦୟାତ୍ ।(୫) ତୈତ୍ତିରୀୟ ଆରଣ୍ୟକରୁ ଉଦ୍ଧୃତ ପ୍ରଥମ ବାକ୍ୟରେ ତାଙ୍କୁ ତପସ୍ୟା

Click Here & Upgrade
Expanded Features
Unlimited Pages
PDF Complete

ଦ୍ୱାରା କ୍ଳମାନା ଅଗ୍ନିବର୍ଣ୍ଣା କୁହାଯିବାର ତାତ୍ପର୍ଯ୍ୟ ପରବର୍ତ୍ତୀ ପୌରାଣିକ ସାହିତ୍ୟମାନଙ୍କରେ ଉପଲବ୍ଧ ହୁଏ । ମାର୍କଣ୍ଡେୟ ପୁରାଣ ଅନ୍ତର୍ଗତ ‘ଦୁର୍ଗାସପ୍ତଶତୀ’ରେ ଦୁର୍ଗାଙ୍କର ଉତ୍ପତ୍ତି ବିଷୟରେ କଥିତ ହୋଇଛି ଯେ ମହିଷାସୁରର ଅତ୍ୟାଚାରରେ ପୀଡ଼ିତ ଓ ଜର୍ଜରିତ ଦେବତାମାନେ ପିତାମହ ବ୍ରହ୍ମାଙ୍କ ନେତୃତ୍ୱରେ ଭଗବାନ ବିଷ୍ଣୁ ଓ ଶିବ ଏକତ୍ର ଅବସ୍ଥାନ କରୁଥିବା ସ୍ଥାନକୁ ଗମନ କରି ସେ ଦୁହିଁଙ୍କୁ ସେହି ଅସୁରର ଯାବତୀୟ ଦୁଷ୍କର୍ମ ବର୍ଣ୍ଣନା କରିବା ବେଳେ ଉଭୟ ଦେବତା କୋପ କଲେ । ପରେ ପରେ ବ୍ରହ୍ମା ଓ ଅନ୍ୟ ଦେବତାମାନେ ମଧ କୋପ କଲେ । ସେହି କୋପଜନିତ ତେଜଃପୁଞ୍ଜକ୍ରମେ ଏକ ମହାନ୍ ଅଗ୍ନିପଣ୍ଡ ରୂପ ଧାରଣ କରି କ୍ରମଶଃ ବୃଦ୍ଧି ପ୍ରାପ୍ତ ହେଲା ଓ ସମଗ୍ର ଗଗନ ମଣ୍ଡଳରେ ପରିବ୍ୟାପ୍ତ ହେଲା । କ୍ରମେ ତାହା ଏକ ନାରୀରୂପ ଧାରଣ କଲା, ଯଥା-

ଅତୁଳଂ ତତ୍ର ତତ୍ତେଜଃ ସର୍ବଦେବଶରୀରଜମ୍ ।
ଏକସ୍ଥଂ ତଦଭୂୟାରୀ ବ୍ୟାପ୍ତ ଲୋକତ୍ରୟଂତ୍ୱିଷା । (୬)

ବାମନ ପୁରାଣରେ କଥିତ ହୋଇଛି ଯେ ଏହି ତେଜକୁ କାତ୍ୟାୟନ ନାମକ ଋଷି ପ୍ରତିପାଳନ କରିଥିଲେ । ଦୁର୍ଗାଙ୍କର ସମସ୍ତ ଦେବତାଙ୍କ ତେଜରୁ ଉତ୍ପତ୍ତି ଲାଭ କରିବାର କଥା ତହିଁରେ ବର୍ଣ୍ଣନା କରାଯିବାବେଳେ ଏହିପରି କୁହାଯାଇଛି, ଯଥା-

ତଚ୍ଚୈକତାଂ ପର୍ବତକୂଟ ସନ୍ନିଭଂ ଜଗାମ ତେଜଃ ପ୍ରକରାଶ୍ରମେ ମୁନେ
କାତ୍ୟାୟନସ୍ୟାପ୍ରତିମସ୍ୟ ତବେ ମହର୍ଷିଣା ତେଜ ଉପାକୃତଂ ଚ ।
ତେଜର୍ଷିସୃଷ୍ଟେନ ଚ ତେଜସା ବୃତଂ ଜ୍ୱଳଦ୍ ପ୍ରକାଶାର୍କସହସ୍ରତୁଲ୍ୟମ୍ ।
ତସ୍ମାକ୍ ଜାତା ତରଳାୟତାଳୀ କାତ୍ୟାୟନୀ ଯୋଗ ବିଶୁଦ୍ଧଦେହା ।(୭)

ତେଣୁ ସମସ୍ତ ଦେବତାଙ୍କ ତେଜରୁ ଜାତ ଅଯୋନିସମ୍ଭୂତା ମହାଶକ୍ତି ଦୁର୍ଗାଙ୍କର ମୌଳିକ ନାମ ଥିଲା କାତ୍ୟାୟନୀ ଓ ସେ ସେହି ନାମରେ ହିଁ ଜଗତରେ ପ୍ରସିଦ୍ଧି ଲାଭ କରିଥିଲେ ।

ତଥର୍ଷି ତେଜୋଭମମୁଭମଂ ମହନାମ୍ନା ପୃଥିବ୍ୟାମଭବତ୍ ପ୍ରସିଦ୍ଧମ୍ ।
କାତ୍ୟାୟନୀତ୍ୟେବ ତଦା ବଭୌସା ନାମ୍ନାଚ ତେଜୈବ ଜଗତ୍ ପ୍ରସିଦ୍ଧା ।(୮)

ଦୁର୍ଗା ସପ୍ତମଶତୀ (ଚଣ୍ଡୀ)ରେ ଦେବତାମାନେ ଏହି ମହାଶକ୍ତିକୁ ପ୍ରାର୍ଥନା ଓ ସ୍ତୁତି କରିବା ବେଳେ କହିଛନ୍ତି -

ଏତେଭ ବଦନଂ ସୌମ୍ୟଂ ଲୋଚନତ୍ରୟଭୂଷିତମ୍ ।
ପାତୁ ନଃ ସର୍ବଭୀତିଭ୍ୟଃ କାତ୍ୟାୟନି ନମୋଽସ୍ତୁତେ ।(୯)

ଏହି ଅବସ୍ଥାରେ କାତ୍ୟାୟନୀ ହେଉଛନ୍ତି ସୌମ୍ୟରୂପା ଓ ସକଳ ଭୟନାଶିନୀ । ବାମନ ପୁରାଣରେ ବର୍ଣ୍ଣନା ଅନୁସାରେ ଯେତେବେଳେ ବିଭିନ୍ନ ଦେବତାଙ୍କଠାରୁ ଦେବୀଙ୍କର ବିଭିନ୍ନ ଅଙ୍ଗର ଉତ୍ପତ୍ତି ହେଲା, ଦେବୀ ପୂର୍ଣ୍ଣାବୟବା ନାରୀ ରୂପରେ ପ୍ରକଟିତା ହେଲେ ଓ ଅସ୍ତ୍ରଶସ୍ତ୍ର ଆଦି ଧାରଣ କରି ନଥିଲେ, ସେହି ସମୟରୁ ଦେବୀଙ୍କର କାତ୍ୟାୟନୀ ରୂପ ପ୍ରକଟିତ ହୋଇଥିଲା । ସେ ବିଭିନ୍ନ ଆୟୁଧ ଓ ଅଳଙ୍କାର ଧାରଣ କରି ବିନ୍ଧ୍ୟ ପୃଷ୍ଠକୁ ଯାଇ ଦେବତାମାନଙ୍କ ଦ୍ୱାରା ସ୍ତୁତି କରାଯାଉଥିବା ବେଳେ ମଧ ତାଙ୍କୁ କାତ୍ୟାୟନୀ ବୋଲି ହିଁ ପୁରାଣରେ ସୂଚିତ କରାଯାଇଛି ।(୧୦) ଏହି କାତ୍ୟାୟନୀ ହିଁ ମହିଷାସୁରକୁ ବଧ କରିଥିବାର ତହିଁରେ ଉଲ୍ଲେଖ ଅଛି ।

କାଳିକା ପୁରାଣରେ ଭାରତରେ ଚାରି ଦିଗରେ ଥିବା ଚାରି ମୁଖ୍ୟ ଶକ୍ତିପୀଠ ମଧ୍ୟରୁ ଉଡ୍ରଦେଶ ଅନ୍ୟତମ ଓ ଏଠାରେ କାତ୍ୟାୟନୀଙ୍କର ହିଁ ପୂଜା କରାଯାଏ ବୋଲି ସ୍ପଷ୍ଟ ଉଲ୍ଲେଖ ରହିଛି । ଯଥା-

ଓଡ୍ରପୀଠଂ ପଶ୍ଚିମେ ତୁ ତଥୈବୋଡ୍ରେଶ୍ୱରୀ ଶିବାମ୍
କାତ୍ୟାୟନୀଂ ଜଗନ୍ନାଥମୋଡ୍ରେଶଂ ଚ ପ୍ରପୂଜୟେତ୍ ।(୧୧)

ମହାଶକ୍ତିଙ୍କର ମୂଳପୀଠର ପଶ୍ଚିମ ଦିଗରେ ରହିଛି ଓଡ୍ରପୀଠ ଓ ଏଠାରେ ଯେଉଁ ଓଡ୍ରେଶ୍ୱରୀ ଶିବା ଅଛନ୍ତି, ତାଙ୍କର ନାମ କାତ୍ୟାୟନୀ । ଏହିପୀଠର ଅଧୀଶ୍ୱର ହେଉଛନ୍ତି ଜଗନ୍ନାଥ । ଏହା ହିଁ ଉପଯୁକ୍ତ ପୁରାଣ କାବ୍ୟର ସରଳ ଓ ସମ୍ମତ ଅର୍ଥ । ନୀଳାଚଳ କ୍ଷେତ୍ରର ମହାପ୍ରଭୁ ଜଗନ୍ନାଥ ଯେ ପ୍ରାଚୀନ କାଳରୁ ପୁରୁଷୋତ୍ତମ ନାମରେ ଜଗନ୍ନାଥ ସ୍ୱରୂପରେ ବିରାଜମାନ ଏହା ଇତିହାସରୁ ପ୍ରମାଣିତ । ହୁଏ ତ ପରବର୍ତ୍ତୀ କାଳରେ ପୁରୁଷୋତ୍ତମ ଦେବତାଙ୍କର ନାମ ପ୍ରଶାସନିକ ପତ୍ରାବଳିରେ ଜଗନ୍ନାଥ ହୋଇଥିଲା, କିନ୍ତୁ ମୌଳିକ ଭାବରେ ପୁରୁଷୋତ୍ତମ ଏହି କ୍ଷେତ୍ରର ଅଧିଷ୍ଠାତା ଦେବ ରୂପରେ ପ୍ରତିଷ୍ଠିତ ହେବା ସମୟରୁ ହିଁ ଜଗନ୍ନାଥ ରୂପରେ ପରିଚିତ ଥିଲେ । ସେ ଜଗତର ନାଥ ହେବା କାରଣରୁ ଜଗନ୍ନାଥ ଓ ଓଡ୍ରଦେଶର ପରମାରାଧ୍ୟ ହେବାରୁ ଓଡ୍ରେଶ ବୋଲି ପରିଚିତ ଥିଲେ । ଏହି କ୍ଷେତ୍ରର ପାଳୟିତ୍ରୀ ଦେବୀ ଓଡ୍ରେଶ୍ୱରୀ କାତ୍ୟାୟନୀ ହିଁ ଥିଲେ । କାଳିକା ପୁରାଣରେ ଏହାକୁ ପ୍ରଥମ ପୀଠ ବୋଲି କୁହାଯାଇଛି -

ଓଡ୍ରାଖ୍ୟଂ ପ୍ରଥମଂ ପୀଠଂ ଦ୍ୱିତୀୟଂ ଜାଳଶୈଳକମ୍ ।
ତୃତୀୟଂ ପୂର୍ଣ୍ଣପୀଠନ୍ତୁ କାମରୂପଂ ଚତୁର୍ଥକମ୍ ।(୧୨)

ଏହି ଓଡ୍ରେଶ୍ୱରୀ କାତ୍ୟାୟନୀଙ୍କର ଓଡ୍ର ଦେଶରେ ଉପାସନାର ଇତିହାସକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଏହି ଦେବୀ ଓଡ଼ିଶାରେ ଭୌମଙ୍କର ରାଜାରାଣୀମାନଙ୍କ ରାଜତ୍ୱ ସମୟରେ ନିଶ୍ଚୟ ବିରାଜମାନ ଥିଲେ । ଭୌମରାଣୀ ତ୍ରିଭୁବନ ମହାଦେବୀଙ୍କୁ କାତ୍ୟାୟନୀଙ୍କ ସହିତ ତୁଳନା କରାଯାଇ ଗୋଟିଏ ତାମ୍ରଶାସନରେ ଉଲ୍ଲେଖ କରାଯାଇଛି - କାତ୍ୟାୟନୀଙ୍କ ସିଂହାସନମାରୂଢ଼ା ।(୧୩) ଢେଙ୍କାନାଳ ଜିଲ୍ଲାର ଭୀମନଗରୀ ଗ୍ରାମରୁ ପ୍ରାପ୍ତ ଏହି ତାମ୍ରଶାସନରେ ରାଣୀ ତ୍ରିଭୁବନ ମହାଦେବୀ ନିଜକୁ ପରମବୈଷ୍ଣବୀ ବୋଲାଇଛନ୍ତି । ସେ ଯେଉଁ କାତ୍ୟାୟନୀଙ୍କ ସହିତ ନିଜକୁ ତୁଳନା କରିଛନ୍ତି, ସେ ଆଉ କେହି ନୁହନ୍ତି, ତାଙ୍କ ନିଜ ରାଜଧାନୀ ଗୁହେଶ୍ୱରପାଟକ ବା ବିରଜା କ୍ଷେତ୍ରର

Click Here & Upgrade
Expanded Features
Unlimited Pages
PDF Complete

ଅଧିଷ୍ଠାତ୍ରୀ ଦେବୀ । ସ୍ମରଣ ରହେ ଯେ, ଅଧୁନା ଯାଜପୁର ଅଧିଷ୍ଠିତା ଦେବୀ, ବିରଜା ମହିଷମର୍ଦ୍ଦିନୀ ମୂର୍ତ୍ତି ଓ ସିଂହାସନରେ ଆରୂଢ଼ା ।(୧୩କ) ଏ ସ୍ଥଳରେ ଆହୁରି ମଧ୍ୟ ଉଲ୍ଲେଖଯୋଗ୍ୟ ଏହି ଯେ ଭୌମଙ୍କର ବଂଶୀୟ ରାଜାମାନେ ପ୍ରଥମାବସ୍ଥାରେ ବୌଦ୍ଧଧର୍ମାବଲମ୍ବୀ ଥାଇ ପରେ ପରମ ମାହେଶ୍ୱର ବା ଶୈବ ଧର୍ମାନୁଗତ ହୋଇଥିଲେ, କେବଳ ରାଣୀ ତ୍ରିଭୁବନ ମହାଦେବୀ ବୈଷ୍ଣବ ଧର୍ମ ଆଚରଣ କରିଥିଲେ । ବିରଜାଦେବୀ ଭୌମରାଜ୍ୟ ତୋଷାଳୀର ରାଷ୍ଟ୍ରଦେବୀ ହୋଇଥିଲେ ମଧ୍ୟ ଏହି ବଂଶର କୌଣସି ରାଜା ବା ରାଣୀ ଏହି ଦେବୀଙ୍କର ନାମ ଗ୍ରହଣ ସୁଦ୍ଧା କରି ନାହାନ୍ତି । ତ୍ରିଭୁବନ ମହାଦେବୀ ନିଜକୁ କାତ୍ୟାୟନୀଙ୍କ ସହିତ ତୁଳନା କରିଥିବାରୁ ଅନ୍ତତଃ ଏତିକି ଅନୁମାନ କରାଯାଇପାରେ ଯେ ପ୍ରାଚୀନ କାଳ, ଅର୍ଥାତ୍ ମହାଭାରତ ଯୁଗରୁ ସର୍ବପାପମୋଚନୀ ବୈତରଣୀ ନଦୀ ତୀରରେ ଥିବା ବିରଜା ତୀର୍ଥ ଏକ ପବିତ୍ର କ୍ଷେତ୍ର ରୂପରେ ପ୍ରସିଦ୍ଧି ଅର୍ଜନ କରିଥିଲା ଓ ପରେ ଗୁପ୍ତଯୁଗରେ ଏଠାରେ 'କାତ୍ୟାୟନୀ' ନାମରେ ମହାଶକ୍ତି ଦେବୀ ମହିଷାସୁର ସ୍ୱରୂପରେ ଅଧିଷ୍ଠିତା ହୋଇଥିଲେ । ଶ୍ରୀଯୁକ୍ତ ରମାପ୍ରସାଦ ନନ୍ଦ ତାଙ୍କର ବିବରଣୀରେ ବିରଜାଙ୍କର ମୂର୍ତ୍ତିକୁ ପ୍ରାକ୍-ଗୁପ୍ତଯୁଗୀୟ ବୋଲି ପ୍ରକାଶ କରିଥିବାରେ (୧୪) ଓ ଅଦ୍ୟାବଧି ସମସ୍ତ ଐତିହାସିକ ତାଙ୍କ ମତକୁ ଯଥାର୍ଥ ବୋଲି ଗ୍ରହଣ କରି ନେଇଥିବାରେ ଓଡ଼ିଶାରେ ଗୁପ୍ତରାଜତ୍ୱ ସମୟରୁ, ଅର୍ଥାତ୍ ଖ୍ରୀଷ୍ଟୀୟ ୪ର୍ଥ ଶତକରୁ ଏଠାରେ ଶକ୍ତିପୂଜାର ଉଦ୍ଭବ ହୋଇ କ୍ରମଶଃ ବିକାଶ ଲାଭ କରିଥିବା ଓ ଏହି ପୂଜା ବିରଜା କ୍ଷେତ୍ରରେ କାତ୍ୟାୟନୀଙ୍କ ଉପାସନାରୁ ଆରମ୍ଭ ହୋଇଥିବା ବିଶ୍ୱାସ କରାଯାଇପାରେ । ପରବର୍ତ୍ତୀ କାଳରେ ମହିଷମର୍ଦ୍ଦିନୀ ବା କାତ୍ୟାୟନୀ ରୂପରେ ମହାଶକ୍ତିଙ୍କ ଉପାସନା ବ୍ୟାପକ ହେବାରୁ ଓ ଓଡ଼ିଶାରେ ବହୁସ୍ଥଳରେ ମହିଷମର୍ଦ୍ଦିନୀ ଦୁର୍ଗାଙ୍କୁ ବିଭିନ୍ନ ନାମରେ ପ୍ରତିଷ୍ଠା କରାଯାଇ ତାଙ୍କର ଉପାସନା ପ୍ରବର୍ତ୍ତିତ ହେବାରୁ ବିରଜା କ୍ଷେତ୍ରର ଦେବୀ କାତ୍ୟାୟନୀ ସ୍ଥାନ ନାମାନୁସାରେ 'ବିରଜା' ବୋଲାଇଛନ୍ତି । ବ୍ରହ୍ମପୁରାଣର ରଚନା ବେଳକୁ ସେ ଅନ୍ତତଃ 'ବିରଜା' ନାମ ଧାରିଣୀ ହୋଇ ସାରିଛନ୍ତି ।(୧୫)

ଐତିହାସିକମାନେ ପ୍ରକାଶ କରନ୍ତି ଯେ ଓଡ଼ିଶାରେ ଭୌମଙ୍କର ରାଜତ୍ୱ ସମୟରେ ତନ୍ତ୍ରବିଦ୍ୟାର ବହୁ ଉତ୍କର୍ଷ ସାଧିତ ହୋଇଥିଲା । ପ୍ରଥମ କେତେଜଣ ଭୌମରାଜା ବୌଦ୍ଧଧର୍ମର ପୃଷ୍ଠପୋଷକତା କରିବା ବେଳେ ମହାଯାନ ବୌଦ୍ଧ ସଂପ୍ରଦାୟରେ ତନ୍ତ୍ରବିଦ୍ୟାର ଅନୁପ୍ରବେଶକୁ ପ୍ରଶୟ ଦେଇଥିଲେ ଓ ଏହା ଫଳରେ ବୌଦ୍ଧ ଉପାସନା ପଦ୍ଧତିରେ ତନ୍ତ୍ରଯାନ ନାମରେ ଏକ ଉପାସନା ଧାରାର ପ୍ରବର୍ତ୍ତନ ହୋଇଥିଲା । ଏହାର କୌଣସି ସଂକେତ ଭୌମ ରାଜାରାଣୀଙ୍କ ଅଭିଲେଖମାନଙ୍କରେ ଉପଲବ୍ଧ ହେଉ ନଥିଲେ ମଧ୍ୟ ସାହିତ୍ୟ ଓ ପ୍ରତ୍ନତତ୍ତ୍ୱର ପ୍ରମାଣ ଆଧାରରେ ଏପରି ସିଦ୍ଧାନ୍ତ କରାଯାଇଛି । ଭୌମରାଜାମାନେ ଭାରତର ପ୍ରସିଦ୍ଧ ତନ୍ତ୍ରପୀଠ କାମ ରୂପରୁ ଆସିଥିଲେ ବୋଲି ଡଃ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ନାନା ପ୍ରମାଣ ବଳରେ ଯାହା ସିଦ୍ଧ କରିଛନ୍ତି ।(୧୬) ତାହା ଅନେକ ଐତିହାସିକଙ୍କୁ ଭଲ ନ ଲାଗିଲେ ମଧ୍ୟ ଏହାର ଯଥାର୍ଥତା ରହିଛି । କାମରୂପର ଅଧିଷ୍ଠାତ୍ରୀ ଦେବୀ କାମାକ୍ଷା ଦେବୀଙ୍କ ଆସ୍ଥାନ ନୀଳପର୍ବତ ବା ନୀଳଗିରିର ନାମାନୁସାରେ ତତ୍କାଳୀନ ମାଧବ କ୍ଷେତ୍ର ପୁରୀର ନାମ ନୀଳାଚଳ ଦିଆଯାଇଥିବା ଡଃ ପାଣିଗ୍ରାହୀ ଅନୁମାନ କରିଛନ୍ତି (୧୬କ) ଓ ପୁରୀଠାରେ ସଂପ୍ରତି କୌଣସି ପର୍ବତର ଚିହ୍ନବର୍ଣ୍ଣ ନଥିବା ବେଳେ ଏହି ସ୍ଥଳଟି କିପରି ପର୍ବତ ଆଖ୍ୟା ପାଇଲା, ଏ ବିଷୟରେ କୌଣସି ଅନୁସନ୍ଧାନ ହୋଇନାହିଁ । ଏହି ନୀଳାଚଳରେ ଅଧିଷ୍ଠିତ ପୁରୁଷୋତ୍ତମ ଜଗନ୍ନାଥ ଅଧୁନା ଏହି କ୍ଷେତ୍ରର ପ୍ରମୁଖ ଦେବତା ହୋଇ ବିଶ୍ୱପ୍ରସିଦ୍ଧ ହୋଇଥିଲେ ମଧ୍ୟ ଏହି କ୍ଷେତ୍ରର ଅଧୀଶ୍ୱରୀ ରୂପେ ପୁରୁଷୋତ୍ତମ ମନ୍ଦିରର ଏକ ପାର୍ଶ୍ୱଦେବୀ ରୂପରେ ରହିଥିବା ବିମଳାଙ୍କୁ କାହିଁକି ମାନ୍ୟତା ଦିଆଯାଏ । ସେ ବିଷୟରେ କୌଣସି ଆଲୋଚକ ମୁଣ୍ଡ ଖେଳାଇ ନାହାନ୍ତି । ବିଶ୍ୱାସ କରାଯାଇପାରେ ଯେ ଭୌମଙ୍କର ରାଜତ୍ୱ ସମୟରେ ଓଡ଼ିଶାରେ ଶାକ୍ତ ଧର୍ମର ବିକାଶ ସାଧିତ ହୋଇଥିବା ସହିତ ବିଭିନ୍ନ ସ୍ଥଳରେ ଶାକ୍ତପୀଠଗୁଡ଼ିକର ଉଦ୍ଭବ ହୋଇଥିଲା । ବିରଜା କ୍ଷେତ୍ରରେ ପୂର୍ବରୁ ଅଧିଷ୍ଠିତା କାତ୍ୟାୟନୀ ଦେବୀଙ୍କ କଥା ପୂର୍ବରୁ ହିଁ ଅବତାରଣା କରାଯାଇଛି । ଭୌମ ଅଭିଲେଖମାନଙ୍କରେ ଏହି ଶାକ୍ତଦେବୀଙ୍କ ପ୍ରତି ଭକ୍ତିର କୌଣସି ସଂକେତ ରହି ନଥିଲେ ମଧ୍ୟ କବି ଡିଣ୍ଡିମ ଜୀବଦେବଙ୍କର ଗୋଟିଏ ଉକ୍ତି ପ୍ରଣିଧାନଯୋଗ୍ୟ । ତାହା ଏହିପରି -

ଭୋଜେଷ୍ଣୁ ତେଷ୍ୱ ବିନୟାଦିବ ରାଜପୀଠାଦ୍
ଭ୍ରଷ୍ଟେଷ୍ଣୁ କେଶରିକୁଳଂ ତଦଳଂ ଚକାର ।(୧୭)

ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟ ଭକ୍ତି ଭାଗବତ ଗ୍ରନ୍ଥ ଆଧାରରେ ଲେଖିଛନ୍ତି ଯେ ଓଡ଼ିଶାର ତାଙ୍କ ପୂର୍ବବର୍ତ୍ତୀ ରାଜାମାନଙ୍କ ମଧ୍ୟରେ ଭୋଜବଂଶ ପ୍ରଥମ ଓ କେଶରିକୁଳ ଦ୍ୱିତୀୟ । ଭୋଜବଂଶର ରାଜାମାନେ ବିରଜା ଦେବୀଙ୍କର ପରମ ଭକ୍ତ ଥିଲେ ।(୧୮) କିନ୍ତୁ ସେମାନେ ସେହି ଦେବୀଙ୍କ ପ୍ରତି ଅବିନୟ ବା ଅବଜ୍ଞା ପ୍ରଦର୍ଶନ କରିବାରୁ ରାଜପୀଠରୁ ଭ୍ରଷ୍ଟ ହୋଇଥିଲେ ଓ କେଶରୀ ବଂଶର ରାଜା ଉଦ୍ୟୋତକେଶରୀ ଉତ୍କଳ ରାଜ୍ୟ ଅଧିକାର କରିଥିଲେ । ଭକ୍ତି ଭାଗବତରେ ଉଲ୍ଲିଖିତ ଭୋଜବଂଶ ଯେ ଅଧୁନା ବହୁ ଅନୁସନ୍ଧାନରୁ ଉପଲବ୍ଧ ଭୌମକର ବଂଶ ଏଥିରେ ସନ୍ଦେହ ନାହିଁ । ସେମାନେ ବିରଜା କ୍ଷେତ୍ରର ନିକଟସ୍ଥ ଗୁହେଶ୍ୱର ପାଟକ କିମ୍ବା ଗୁହଦେବ ପାଟକଠାରେ ରାଜଧାନୀ ସ୍ଥାପନ କରି ରାଜ୍ୟ ଶାସନ କରୁଥିଲେ । ନିର୍ଦ୍ଦିଷ୍ଟ ଭାବରେ ଏହି ଗୁହେଶ୍ୱର ବା ଗୁହଦେବ ପାଟକକୁ କେହି ଚିହ୍ନିତ କରିପାରି ନାହାନ୍ତି । କିନ୍ତୁ ସବୁ ଐତିହାସିକ ଏହାକୁ ବିରଜାକ୍ଷେତ୍ର ନିକଟବର୍ତ୍ତୀ ବୋଲି ସ୍ୱୀକାର କରିଛନ୍ତି । ଅନୁସନ୍ଧାନ ଚାଲିଛି । ଏ ସ୍ଥାନ ଭଦ୍ରକ ଜିଲ୍ଲାର ଗୋହିରା ଟିକିରି ହେବା ବିଷୟରେ ସର୍ବସମ୍ମତି ପ୍ରକାଶ ପାଇ ନାହିଁ ।

Click Here & Upgrade
Expanded Features
Unlimited Pages
PDF Complete Documents

ସେ ଯାହା ହେଉ, ଐତିହାସିକମାନେ ପ୍ରତ୍ନତାତ୍ତ୍ୱିକ ଦୃଷ୍ଟିକୋଣରୁ ସ୍ୱୀକାର କରିଛନ୍ତି ଯେ ଭୌମଙ୍କର ବଂଶୀୟ ରାଜାରାଣୀମାନଙ୍କ ରାଜତ୍ୱ କାଳରେ ଉତ୍କଳରେ ବହୁ ଶକ୍ତିପୀଠର ସୃଷ୍ଟି ହୋଇ ବିକାଶ ଲାଭ କରିଥିଲା । ଏକାମ୍ରକ୍ଷେତ୍ରର କପାଳିନୀ ମନ୍ଦିର (ଯାହାକୁ ବୈତାଳ ମନ୍ଦିର ବୋଲି କୁହାଯାଉଛି) ଓ ପ୍ରାଚୀ କ୍ଷେତ୍ରର ଚଉରାଶୀ ଗ୍ରାମର ବରାହୀ ମନ୍ଦିର ଭୌମଙ୍କର ବଂଶୀୟ ରାଜତ୍ୱ କାଳର କୀର୍ତ୍ତି ବୋଲି ସ୍ୱୀକାର କରାଯାଏ । ସେହିପରି ଏକାମ୍ରକ୍ଷେତ୍ରର ମୋହିନୀ ମନ୍ଦିର ଓ ଗୌରୀ ମନ୍ଦିର ମଧ୍ୟ ଭୌମରାଣୀମାନଙ୍କ ଦ୍ୱାରା ନିର୍ମିତ ହୋଇ ସେଠାରେ ଶକ୍ତି ଉପାସନାର ପ୍ରଚଳନ ହୋଇଥିବା ଐତିହାସିକ କେଦାରନାଥ ମହାପାତ୍ର ପ୍ରକାଶ କରିଛନ୍ତି ।(୧୯) ଏପରି ସ୍ଥଳେ ନୀଳାଚଳ କ୍ଷେତ୍ରରେ ମଧ୍ୟ ଶକ୍ତି ଉପାସନାର ଭିତ୍ତିସ୍ଥାପନ ସେହି ଭୌମ ରାଜତ୍ୱ ସମୟରେ ବିମଳା ଦେବୀଙ୍କର ଉପାସନାର ପ୍ରବର୍ତ୍ତନ ମାଧ୍ୟମରେ ହୋଇଥିଲା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ବୈଷ୍ଣବ ଗ୍ରନ୍ଥ ସ୍କନ୍ଦ ପୁରାଣର ଉତ୍କଳଖଣ୍ଡ ଲେଖା ହେବା ବେଳକୁ ଯେ ନୀଳାଚଳ କ୍ଷେତ୍ରରେ ନୀଳାଚଳ କ୍ଷେତ୍ରାଧୀଶ୍ୱରୀ ମହାଶକ୍ତି କାମାକ୍ଷାଙ୍କର ପ୍ରତିରୂପିଣୀ ବିମଳା ଦେବୀଙ୍କର ଉପାସନା ପୂର୍ଣ୍ଣ ଗୌରବ ସହକାରେ ପ୍ରଚଳିତ ଥିଲା, ଏହା ଅସ୍ୱୀକାର କରି ହେଉ ନାହିଁ । କିନ୍ତୁ ତହିଁରେ ମହର୍ଷି ନାରଦଙ୍କ ସହିତ ମାଳବ ରାଜ ଇନ୍ଦ୍ରଦ୍ୟୁମ୍ନ ନୀଳାଚଳ ଆରୋହଣ ଅବସରରେ ବିମଳା ଦେବୀଙ୍କୁ କିପରି ଦେଖିପାରିଲେ ନାହିଁ, ଅଥଚ ଅଗୁରୁ ବୃକ୍ଷମୂଳରେ ବିରାଜିତ ନୃସିଂହଙ୍କୁ ଦର୍ଶନ କରିବାକୁ ସମର୍ଥ ହେଲେ ।(୨୦) ତାହା ଯେତିକି ବିସ୍ମୟ ସୃଷ୍ଟି କରିଛି, ସେତିକି ଭ୍ରାନ୍ତି ମଧ୍ୟ ପ୍ରତିଷ୍ଠିତ କରିଛି । ଏହି ନୀଳାଚଳ କ୍ଷେତ୍ରର ତୃତୀୟ ଆୟତନରେ ହିଁ ବିମଳା ଅଧିଷ୍ଠିତା, କ୍ଷେତ୍ରରକ୍ଷା ପାଇଁ ଅଷ୍ଟଚଣ୍ଡୀ ଅବସ୍ଥିତା ଇତ୍ୟାଦି ସ୍ୱୀକାର କରି ମଧ୍ୟ (୨୧) ପୁରାଣକାର ମହାରାଜ ଇନ୍ଦ୍ରଦ୍ୟୁମ୍ନଙ୍କ ସମୟକୁ ଶ୍ରୀ ଶ୍ରୀ ବିମଳାପୀଠର ଅବସ୍ଥିତି ସଂପର୍କରେ ନୀରବ ରହିବା ସାଂପ୍ରଦାୟିକ ମନୋବୃତ୍ତିର ସୂଚକ ହୋଇପାରେ । ତେଣୁ ଏହାଦ୍ୱାରା ସତ୍ୟ ସଂଶୋଧିତ ହୋଇପାରେନା ।

ତନ୍ତ୍ର ଚୂଡ଼ାମଣି ପୀଠ ନିର୍ଣ୍ଣୟ ଗ୍ରନ୍ଥରେ ଉତ୍କଳ କ୍ଷେତ୍ରରେ ବିମଳା ଦେବୀଙ୍କର ଅଧିଷ୍ଠାନ ସ୍ୱୀକୃତ । ସଂପୃକ୍ତ ଶ୍ଲୋକଟି ହେଉଛି -

ଉତ୍କଳେ ନାଭିଦେଶଶ୍ଚ ବିରଜା କ୍ଷେତ୍ରମୁଚ୍ୟତେ ।
ବିମଳା ଭୈରବୀ ଯତ୍ର ଜଗନ୍ନାଥସ୍ତୁ ଭୈରବଃ ।(୨୨)

ଏଥିରୁ ପ୍ରତୀତ ହୁଏ ଯେ ସତୀଙ୍କର ନାଭିଦେଶ ଯେଉଁ ସ୍ଥାନରେ ପଡ଼ିଥିଲା, ତାହା ଏକ ନିର୍ଦ୍ଦିଷ୍ଟ ସ୍ଥାନ ନଥିଲା, ତାହା ସମଗ୍ର ଉତ୍କଳରେ ପତିତ ହୋଇଥିଲା । ତେଣୁ ତାହାକୁ, ଅର୍ଥାତ୍ ସମଗ୍ର ଉତ୍କଳକୁ ବିରଜାକ୍ଷେତ୍ର କୁହାଯାଉଥିଲା । ସେହି କ୍ଷେତ୍ରରେ ଭୈରବୀ ରୂପରେ ରହିଥିଲେ ବିମଳା ଓ ଭୈରବ ରୂପରେ ଜଗନ୍ନାଥ । ଐତିହାସିକମାନେ ଏହି ଜଗନ୍ନାଥଙ୍କୁ ଚିହ୍ନି ନପାରି ଖ୍ରୀଷ୍ଟୀୟ ଚତୁର୍ଦ୍ଦଶ ଶତାବ୍ଦୀରେ ଶ୍ରୀନୀଳାଚଳ କ୍ଷେତ୍ରର ମହାପ୍ରଭୁ ପୁରୁଷୋତ୍ତମଙ୍କୁ ଜଗନ୍ନାଥ ନାମ ପ୍ରଦାନ କରାଯାଇଥିବା ସୂଚକ କେତେକ ଗଙ୍ଗବଂଶୀ ରାଜାଙ୍କ ଅଭିଲେଖର ଆଧାରରେ ଶ୍ରୀପୁରୁଷୋତ୍ତମଙ୍କୁ ହିଁ ଗ୍ରହଣ କରିଛନ୍ତି । ପରବର୍ତ୍ତୀ କାଳରେ ଶ୍ରୀପୁରୁଷୋତ୍ତମ ମହାପ୍ରଭୁ ଶ୍ରୀଜଗନ୍ନାଥ ନାମରେ ଖ୍ୟାତିଲାଭ କରି ଏବେ ମଧ୍ୟ ସେହି ନାମରେ ବିଶ୍ୱରେ ପରିଚିତ ହେବା ଯୋଗୁଁ ଏପରି ଅନୁମାନ କରିଛନ୍ତି । ପୂର୍ବୋଦ୍ଧୃତ କାଳିକା ପୁରାଣର ଜଗନ୍ନାଥ ଶବ୍ଦର କ୍ଷେତ୍ରରେ ମଧ୍ୟ ଏହି କାରଣ ରହିଛି । ପୁରାଣ ବର୍ଣ୍ଣନା ଅନୁସାରେ ଭଗବାନ ଶଙ୍କର ମହାରୌଦ୍ର ରୂପ ଧାରଣ କରି ପ୍ରିୟପତ୍ନୀ ସତୀ ଦେବୀଙ୍କ ଶବକୁ ସ୍କନ୍ଧରେ ବହନ କରି ପୃଥିବୀ ଭ୍ରମଣ କରୁଥିବାବେଳେ ଭଗବାନ ବିଷ୍ଣୁଙ୍କ ଦ୍ୱାରା ଚକ୍ରରେ ଛିନ୍ନ ହୋଇ ତାଙ୍କର ବିଭିନ୍ନ ଅଙ୍ଗ ଯେଉଁ ଯେଉଁ ସ୍ଥାନମାନଙ୍କରେ ପତିତ ହେଲା, ସେହି ସ୍ଥାନମାନଙ୍କରେ ସ୍ୱୟଂ ମହାଶକ୍ତି ଗୋଟିଏ ଗୋଟିଏ ଭୈରବୀ ରୂପରେ ଅବସ୍ଥାନ କଲେ ଓ ତାଙ୍କୁ ରକ୍ଷା କରିବା ପାଇଁ ମହାଦେବ ଭୈରବ ହେଲେ । ଏପରି ସ୍ଥଳେ ବିଷ୍ଣୁ ସ୍ୱରୂପୀ ପୁରୁଷୋତ୍ତମ କିପରି ଭୈରବ ସ୍ୱରୂପ ହେବେ । ମତ୍ସ୍ୟ ପୁରାଣ, ଦେବୀ ଭଗବାତ, ସ୍କନ୍ଦ ପୁରାଣ- ରେବା ଖଣ୍ଡ ପ୍ରଭୃତିରେ ୧୦୮ ସିଦ୍ଧପୀଠ ମଧ୍ୟରେ ବିମଳା ପୁରୁଷୋତ୍ତମେ ବୋଲି ସ୍ପଷ୍ଟ ଉଲ୍ଲେଖ ଅଛି ।(୨୩) ଏସବୁ ପୁରାଣ ସ୍ଥଳରେ ପୁରୁଷୋତ୍ତମ ଶବ୍ଦଟି ଏହି କ୍ଷେତ୍ରକୁ ହିଁ ଅଭିହିତ କରୁଥିବା ନିଶ୍ଚିତ । ଏହି କ୍ଷେତ୍ରର ଭୈରବ ଜଗନ୍ନାଥ ନିଶ୍ଚୟ କୌଣସି ଶିବ ସ୍ୱରୂପ । ଅଦ୍ୟାବଧି ଯାହାଙ୍କ ଅନୁସନ୍ଧାନ କରାଯାଇ ପାରିନାହିଁ । ତନ୍ତ୍ରଶାସ୍ତ୍ରରେ ଭଗବାନ ଶିବଙ୍କୁ 'ଜଗନ୍ନାଥ' ନାମରେ ସୂଚିତ କରାଯାଇଥିବା ବହୁସ୍ଥଳରେ ଦୃଶ୍ୟ ହୁଏ । ଉଦାହରଣ ସ୍ୱରୂପ ମୁଣ୍ଡମାଳା ତନ୍ତ୍ରରେ ଦେବୀ କହିଛନ୍ତି -

ଦେବ ଦେବ ମହଦେବ ସୃଷ୍ଟିସ୍ଥିତ୍ୟନ୍ତ କାରକ
ନୀଳକଣ୍ଠ ଜଗନ୍ନାଥ ପ୍ରଭୋ ଶଙ୍କର ଭୋ ହର
ନମସ୍ତୁଭ୍ୟଂ ଜଗନ୍ନାଥ ମମ ନାଥାମରପ୍ରଭୋ
ଶରଣାଗତ ଦୀନାର୍ତ୍ତପରିତ୍ରାଣ ପରାୟଣ । (୨୪)

ଏହି ମୁଣ୍ଡମାଳା ତନ୍ତ୍ରଟି ବାମାଚାର-ପ୍ରତିପାଦକ ଶିବ-ପାର୍ବତୀ ସଂବାଦାତ୍ମକ ଗ୍ରନ୍ଥ ଅଟେ । ଏଥିରେ ଦୁର୍ଗା ହିଁ ଏକମାତ୍ର ଜ୍ଞାନର ସାଧନ ରୂପରେ ବର୍ଣ୍ଣିତା । ତେଣୁ ଏହି ଦୁର୍ଗାଙ୍କର ପ୍ରାଣବଲ୍ଲଭ ମହାଦେବ ସ୍ୱରୂପୀ ଜଗନ୍ନାଥ ଏହି କ୍ଷେତ୍ରର କୌଣସି ପ୍ରାଚୀନ ଶିବ ହିଁ ହୋଇପାରନ୍ତି ।

ମାଦଳା ପାଞ୍ଜିରେ ଯଯାତିକେଶରୀ ବିମଳାକ୍ଷୀ ଦେବୀଙ୍କ ମନ୍ଦିର ନିର୍ମାଣ କରାଇଥିବା ବର୍ଣ୍ଣିତ ଅଛି ।(୨୫) ଉପଲବ୍ଧ ମାଦଳାପାଞ୍ଜି ଅବଶ୍ୟ ପରବର୍ତ୍ତୀ କାଳର ରଚନା ଓ ଏଥିରେ ଐତିହାସିକତାର ମାତ୍ରା ଅଦ୍ୟାବଧି ବିବଦାସ୍ପଦ ଅବସ୍ଥାରେ ଅଛି । ହେଲେ, ନୀଳାଚଳ ବିମଳା ଦେବୀ ଯେ ଅତି ପ୍ରାଚୀନ ଦେବୀ, ଏଥିରେ ସନ୍ଦେହ ନାହିଁ ଓ ତାହାକୁ ଭୌମଯୁଗର କୀର୍ତ୍ତି କହିଲେ ସତ୍ୟର ଅପଳାପ ହେବ ନାହିଁ । ମାଦଳାପାଞ୍ଜିରେ ବିମଳାଙ୍କର ମୌଳିକ ନାମ ବିମଳାକ୍ଷୀ ବୋଲି ସଂକେତ ମିଳୁଛି । ଏହା ସୌମ୍ୟମୂର୍ତ୍ତି, ତାନ୍ତ୍ରିକ ଦେବୀଙ୍କ ପରି ଉଗ୍ରମୂର୍ତ୍ତି

Click Here & Upgrade
Expanded Features
Unlimited Pages
PDF Complete Documents

ନୁହେଁ । ବିରଜା କିନ୍ତୁ ଉଗ୍ରମୂର୍ତ୍ତି । ସେ ମହିଷାସୁରମର୍ଦ୍ଦିନୀ । ଦୁଇ ଭୁଜରେ ଯଥାକ୍ରମେ ମହିଷାସୁରର ପୁଚ୍ଛ ଓ ତ୍ରିଶୂଳ ଧରି, ମହିଷାସୁରର ପୃଷ୍ଠ ଉପରେ ଆରୋହଣ କରି ତାକୁ ଶୂଳବିଦ୍ଧ କରୁଛନ୍ତି । ଟି.ଏ. ଗୋପୀନାଥ ରାଓ ତାଙ୍କ ସୁପ୍ରସିଦ୍ଧ ମୂର୍ତ୍ତିତାତ୍ତ୍ୱିକ ଗ୍ରନ୍ଥରେ କାତ୍ୟାୟନୀ ଦେବୀଙ୍କର ଯେଉଁ ରୂପ ବର୍ଣ୍ଣନା କରିଛନ୍ତି (୨୬), ସେ ତାହା ଦ୍ୱାରା ମହିଷମର୍ଦ୍ଦିନୀ ରୂପ ଧାରଣ କରିଥିବା ହିଁ ଦ୍ୟୋତିତ ହେଉଚି । ଅନ୍ୟପକ୍ଷରେ ବିମଳା ଯେଉଁ ସବୁ ଆୟୁଧ ଧାରଣ କରି ସ୍ଥାନକ (ଛିଡ଼ା ହୋଇଥିବା) ଭଙ୍ଗୀରେ ଅଛନ୍ତି, ତାହା ମଧରେ କୌଣସି ଯୁଦ୍ଧାସ୍ତ୍ର ନାହିଁ । ତେଣୁ ତାଙ୍କୁ ବିମଳାକ୍ଷୀ, ସୌମ୍ୟରୂପା କୁହାଯିବା ଯଥାର୍ଥ ।

ଏଣୁ ଖ୍ରୀଷ୍ଟୀୟ ଅଷ୍ଟମଶତାବ୍ଦୀଠାରୁ ଦଶମ ଶତାବ୍ଦୀ ମଧରେ ଉତ୍କଳ ବା ଉଡ୍ର ଦେଶରେ ଭୌମରାଜତ୍ୱ କାଳରେ ତାନ୍ତ୍ରିକ ଧାରାରେ ଦେବୋପାସନା ସହିତ ମହାଶକ୍ତି ଦୁର୍ଗାଙ୍କର ଉପାସନା ଅଧିକ ପ୍ରଭାବଯୁକ୍ତ ହୋଇଥିବା କାଳରେ ବିରଜାକ୍ଷେତ୍ର ଯାଜପୁରଠାରେ କାତ୍ୟାୟନୀ ବିରଜାଙ୍କର ଉପାସନାଧାରା ବଳବତ୍ତର ହେବା ସହିତ ନୀଳାଚଳ କ୍ଷେତ୍ର ମଧ ଏକ ଶାକ୍ତକ୍ଷେତ୍ରରେ ପରିଣତ ହୋଇଥିବା ନିଶ୍ଚିତ । ବିରଜା କ୍ଷେତ୍ରରେ ଦୁର୍ଗା ରୌଦ୍ରରୂପା ଥିବାବେଳେ ନୀଳାଚଳ କ୍ଷେତ୍ରରେ ସୌମ୍ୟରୂପା ବିମଳାକ୍ଷୀ ବୋଲାଇଥିବା ଅନୁମେୟ । ଏକାମ୍ରର କାପାଳିନୀ-ଚାମୁଣ୍ଡା, ଚୌରାଶୀର ବାରାହୀଙ୍କ ସମେତ ଆଉ ବହୁ ସ୍ଥଳରେ ମଧ ଶକ୍ତି ଉପାସନା ପ୍ରଚଳିତ ହୋଇ ସମଗ୍ର ଓଡ଼ିଶା ପୂର୍ବ ଭାରତରେ ଏକ ମହାନ୍ ଶକ୍ତିକ୍ଷେତ୍ରରେ ପରିଣତ ହୋଇଥିଲା, ଏହାକୁ ଉଡ୍ଡୀୟାନ ପୀଠ ମଧ କୁହାଯାଇଥିଲା ଓ ଏହି ରାଜ୍ୟର ବିଭିନ୍ନ ସ୍ଥଳରେ ବହୁ ଶକ୍ତିପୀଠର ଉତ୍ପତ୍ତି ଘଟିଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ । ନୀଳାଚଳ କ୍ଷେତ୍ର ପୁରୀରେ ମଧ ବିମଳା ପୀଠ ସହିତ ଦକ୍ଷିଣକାଳୀ ସମେତ ଆଉ ବହୁ ଶକ୍ତିପୀଠର ଉତ୍ପତ୍ତି ସେହି ସମୟରେ ହୋଇଥିବା ବିଶ୍ୱାସଯୋଗ୍ୟ ।

ପଦଟୀକା :

୧. ଋଗ୍‌ବେଦ ସଂହିତା - ୧୦ମ ମଣ୍ଡଳ, ୧୨୫ ସୂକ୍ତ
୨. ପଞ୍ଚୋପାସନା - ଡଃ ଜିତେନ୍ଦ୍ରନାଥ ବନ୍ଦୋପାଧ୍ୟାୟ, କଲିକତା - ୧୯୬୦, ପୃ.୨୨୩
୩. ସୌନ୍ଦର୍ଯ୍ୟଲହରୀ - ଶଙ୍କରାଚାର୍ଯ୍ୟ କୃତ - ପ୍ରଥମ ଶ୍ଳୋକ
୪. ତୈତ୍ତିରୀୟ ଆରଣ୍ୟକ - ୧୦ମ ପ୍ରପାଠକ - ୨ୟ ବର୍ଣ୍ଣିକା
୫. ତୈତ୍ତିରୀୟ ଆରଣ୍ୟକ - ୧୦ମ ପ୍ରପାଠକ - ୧ମ ବର୍ଣ୍ଣିକା
୬. ଚଣ୍ଡୀ (ଦୁର୍ଗା ସପ୍ତଶତୀ) - ୨.୧୩ ମନ୍ତ୍ର
୭. ବାମନପୁରାଣ - ୧୮ ଅଧ୍ୟାୟ, ୭-୮ ଶ୍ଳୋକ-ଗୀତା ପ୍ରେସ ସଂସ୍କରଣ
୮. ବାମନ, ୧୮.୧୩ ଶ୍ଳୋକ
୯. ଚଣ୍ଡୀ (ଦୁର୍ଗା ସପ୍ତଶତୀ) ୧୧.୨୫ ମନ୍ତ୍ର
୧୦. ବାମନ, ୧୮.୩୭, ୧୯.୧ ପ୍ରଭୃତି
୧୧. କାଳିକା ପୁରାଣ - ୬୪ ଅଧ୍ୟାୟ- ୪୪ ଶ୍ଳୋକ, ନବଭାରତ ସଂସ୍କରଣ
୧୨. କାଳିକା - ୬୪.୪୩ ଶ୍ଳୋକ
୧୩. Inscriptions of Orissa - Vol.II- Snigdha Tripathy, New Delhi, 1999, P.169
୧୩.କ. ବିରଜାଙ୍କର ଧ୍ୟାନ ହେଉଛି - ଶ୍ୟାମାଙ୍ଗୀ ସିଂହମାରୂଢାଂ ଦ୍ୱିଭୁଜାଂ ଶୂଳଧାରିଣୀଙ୍ । ବିଭ୍ରନ୍ତୀଂ ବାମହସ୍ତେନ ମହିଷାସୁରପୁଚ୍ଛକମ୍ । ସୁରାସୁରୈର୍ବନ୍ଦ୍ୟମାନାଂ ତ୍ରିନେତ୍ରାମିନ୍ଦୁ ଶେଖରାମ୍ । ସର୍ବାଭରଣସମ୍ପନ୍ନାଂ ଭକ୍ତାନୁଗ୍ରହକାରିଣୀମ୍ । ବନ୍ଦେ ଶ୍ରୀବିରଜାଦେବୀଂ ଭୁକ୍ତିମୁକ୍ତି ପ୍ରଦାୟିନୀମ୍ । ବିରଜା ବକ୍ତୃତାମାଳା-୭ (୧୯୮୦)ରେ ଉଦ୍ଧୃତ ।
୧୪. Memoirs of Archaeological Survey of India, No.44 Exploration in Orissa, 1930-Reprint 1998, P-4
୧୫. ବ୍ରହ୍ମପୁରାଣ - ୪୦.୧ ଶ୍ଳୋକ - ଭେଙ୍କଟେଶ୍ୱର ସଂସ୍କରଣ
୧୬. History of Orissa - K.C. Panigrahi, Cuttack, 1981, P.68
୧୬.କ. Ibid-P.338-339
୧୭. ଓଡ଼ିଶାର ପ୍ରତ୍ନତତ୍ତ୍ୱ ଓ ଅନ୍ୟାନ୍ୟ ପ୍ରବନ୍ଧ - ପରମାନନ୍ଦ ଆଚାର୍ଯ୍ୟ, ଭୁବନେଶ୍ୱର, ୧୯୬୯, ପ୍ରଥମ ଭାଗ- ପୃ.୨୫୯-୨୬୦
୧୮. ତତ୍ରୈବ - ପୃ.୨୫୯
୧୯. Temples of Bhubaneswar - K.N. Mohapatra - Side lights on History and Culture of Orissa, Cuttack, 1977, p.543, 545
୨୦. ସ୍କନ୍ଦପୁରାଣ-ଉତ୍କଳଖଣ୍ଡ-୧୫ଶ ଅଧ୍ୟାୟ-ବଙ୍ଗବାସୀ ସଂସ୍କରଣ
୨୧. ତତ୍ରୈବ - ୪ର୍ଥ ଅଧ୍ୟାୟ - ୧୩ ଶ୍ଳୋକ
୨୨. ଉଦ୍ଧୃତି - The Sakta Pithas, D.C. Sircar, Delhi - Reprint, 1998 ପୀଠ ନିର୍ଣ୍ଣୟ (ମହାପୀଠ ନିରୂପଣମ୍) ପୃ.୪୫
୨୩. ମତ୍ସ୍ୟପୁରାଣ - ୧୩.୩୫ ଶ୍ଳୋକ, ଦେବୀ ଭାଗବତ - ୭ମ ସ୍କନ୍ଧ, ୩୦ ଅଧ୍ୟାୟ, ୬୪ ଶ୍ଳୋକ ପ୍ରଭୃତି
୨୪. ମୁଣ୍ଡମାଳା ତନ୍ତ୍ର ଅଧ୍ୟାୟ ୧ ଶ୍ଳୋକ ୨-୩
୨୫. ମାଦଳାପାଞ୍ଜି - ଦ୍ୱିତୀୟ ସଂସ୍କରଣ ଭୁବନେଶ୍ୱର ୧୯୬୯, ପୃ.୬
୨୬. Elements of Hindu Iconography, T.A. Gopinath Rao, Vol.I-pt-II- Reprint-Delhi, 1968. Appendix ପ୍ରତିମାଲକ୍ଷଣାନି

ବଳଭଦ୍ର ଗଳି
ପୁରୀ